# ଡ. ରମେଶ ଚନ୍ଦ୍ର ପରିଡ଼ା

ଜନ୍ମ- ୧୯୪୭ ମସିହା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ସେ ବିଜ୍ଞାନ ପୁସ୍ତକ ରଚନା, ପତ୍ର ପତ୍ରିକା ଓ ସମ୍ବାଦପତ୍ର ମାନଙ୍କରେ ଜନପ୍ରିୟ ବିଜ୍ଞାନ ଭିତ୍ତିକ ସ୍ତମ୍ଭ ଲେଖିବାରେ ଲିପ୍ତ ଅଛନ୍ତି । ଶ୍ରୀ ପରିଡ଼ା ୧୯୯୩ ଓ ୨୦୦୩ ମସିହାରେ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ଏବଂ ୨୦୦୫ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର ଲାଭ କରିଛନ୍ତି ।

**ବିଜ୍ଞାନର ନୂତନ ଦିଗନ୍ତ,** ପୃଷ୍ଠା-୧୬୪, ପ୍ରକାଶକାଳ-୨୦୧୧, ମୂଲ୍ୟ:୧୨୦ ଟଙ୍କା ।

ସାଧାରଣ ମନୁଷ୍ୟ ଆଜିକାର ଦୈନନ୍ଦିନ ଜୀବନର ପ୍ରତିଟି ମୁହୂର୍ତ୍ତରେ ବିଜ୍ଞାନକୁ ଉପଯୋଗ କରିବାରେ ଲାଗିଛି । ଏହା ସତ୍ତ୍ୱେ ମଧ୍ୟ ତାର ମାନସିକ ସ୍ତରରୁ ହଟିନି ବିଜ୍ଞାନ ସହିତ ବ୍ୟବଧାନ । ତା ମନରେ ରହିଛି ଏଥିପ୍ରତି ରହିଛି ଅହେତୁକ ଭୟଭାବ । ଆଗାମୀ ଦିନ ମାନଙ୍କର ଏକ ବୈଜ୍ଞାନିକ ସମାଜ ଗଠନ କରିବା ପଥରେ ଏହା ପ୍ରତିବନ୍ଧକ ରୂପେ ମୁଣ୍ଡ ଟେକିଛି । ଜଟିଳ ଓ ଅବୋଧ୍ୟ ବୋଲି ମନେ ହେଉଥିବା ବିଜ୍ଞାନକୁ ସାଧାରଣ ମନୁଷ୍ୟ ନିକଟରେ ସରଳ ରୂପରେ ଉପସ୍ଥାପନ କରାଯାଇ ପାରିଲେ ଏ ସବୁ ଦୂର ହୋଇପାରିବ । 'ବିଜ୍ଞାନର ନୂତନ ଦିଗନ୍ତ' ପୁସ୍ତକଟିରେ ଥିବା ରଚନା ବଳି ଏହି ଲକ୍ଷ୍ୟ ନେଇ ରଚନା କରାଯାଇଛି ।